**ସଂକଲଚନ ଜୟଚନ୍ଦଭାଇ ପଟେଲ ଏବଂ ଅନ୍ୟମାନେ**

**ବନାମ**

**ବିଟ୍ଠଲଭାଇ ଜୟଚନ୍ଦଭାଇ ପଟେଲ ଏବଂ ଅନ୍ୟମାନେ**

**ସେପ୍ଟେମ୍ବର 13,1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ବମ୍ବେ ରାଜସ୍ୱ ଅଧିକାରିତା ଅଧିନିୟମ:*

*ଧାରା 11-ଦେୱାନୀ ମକଦ୍ଦମା ଗ୍ରହଣ କରିବାରେ ଏକ ପ୍ରତିବନ୍ଧକ ଅଛି କି ନାହିଁ-ଦର୍ଶାଯାଇଛି, କୌଣସି ରାଜସ୍ୱ ଅଧିକାରୀଙ୍କ କୌଣସି କାର୍ଯ୍ୟ କିମ୍ବା ଅବହେଳା କାରଣରୁ ସରକାରଙ୍କ ବିରୋଧରେ କୌଣସି ମକଦ୍ଦମା ଗ୍ରହଣ କରିବା ପାଇଁ ଦେୱାନୀ ନ୍ୟାୟାଳୟରେ ପ୍ରତିବନ୍ଧକ ରହିଛି-କିନ୍ତୁ ସି ପି ସି ଅନ୍ତର୍ଗତ ପ୍ରଦାନ କରାଯାଇଥିବା, ମକଦ୍ଦମାର ପ୍ରତିକାର ପାଇବା ପାଇଁ  ଘରୋଇ ପକ୍ଷମାନଙ୍କ ପରସ୍ପର ମଧ୍ୟରେ କୌଣସି ନିଷେଧ ନାହିଁ -ଦେୱାନୀ ମକଦ୍ଦମା ଅନୁରକ୍ଷଣୀୟ ଅଟେ-ଦେୱାନୀ ପ୍ରକ୍ରିୟା ସଂହିତା - ଧାରା 9 ।*

ଦେୱାନୀ ଅପିଲ ଅଧିକାରିତା:ଦେୱାନୀ ଅପିଲ ସଂଖ୍ୟା 12808-09/1996 ।

ଏମ୍. ସି. ଏ.ସଂଖ୍ୟା 656/1995ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ତା30.6.95ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ୟଶାଙ୍କ ଅଧ୍ୟାରୁ, ବ୍ରଜ କେ. ମିଶ୍ର ଏବଂ ଏଜାଜ ମକବୁଲ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି ।

ମୂଳତଃ ମାର୍ଚ୍ଚ 23,1995 ରେ ଆଦେଶ ସଂଖ୍ୟା 40/95 ରେ ଏବଂ ଜୁନ୍ 30,1995 ରେ ଏମ୍ ସି ଏ ସଂଖ୍ୟା 656/95 ରେ କରାଯାଇଥିବା ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶରୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ଉତ୍ପନ୍ନ ହୋଇଛି ।

ତଥ୍ୟଗୁଡ଼ିକ ସଂପୂର୍ଣ୍ଣରୂପେ ବିବାଦରେ ନାହିଁ । ସ୍ୱୀକୃତ ସ୍ଥିତି ହେଉଛି ଯେ, ଅପିଲକାରୀ ଏବଂ ଉତ୍ତରଦାତା  ମିଳିତ ଭାବେ ମକଦ୍ଦମା ଅନୁସୂଚୀ ସମ୍ପତ୍ତି କିଣିଥିଲେ । ଏହା ଜଣାପଡ଼ିବ ଯେ, ମାର୍ଚ୍ଚ 20,1982 ରେ ସହ-ମାଲିକ ଭାବରେ ସେମାନଙ୍କ ମଧ୍ୟରେ ଏକ ବିଭାଜନ ହୋଇଥିଲା । ପରବର୍ତ୍ତୀ ସମୟରେ, ଏହା ଜଣାପଡ଼ିବ ଯେ,  ରାଜସ୍ୱ ନଥିରେ ଏହି ପରିମାଣର ସମ୍ପତ୍ତି ନାମାନ୍ତରଣ ଜୁଲାଇ 21,1982 ରେ କାର୍ଯ୍ୟକାରୀ କରାଯାଇଥିଲା, ଯାହା  ଅପିଲକାରୀଙ୍କ ଅଂଶକୁ ଆସିଥିଲା, ଯିଏ ଜୁଲାଇ 24,1986 ରେ ଅପିଲକାରୀ ଏବଂ ତାଙ୍କ ପିଲାମାନଙ୍କ ମଧ୍ୟରେ ଅତିରିକ୍ତ ବିଭାଜନକୁ କାର୍ଯ୍ୟକାରୀ କରିଥିବା ଦାବି କରିଛନ୍ତି । ଏହା ଅପିଲକାରୀଙ୍କ ମାମଲା ଯେ, ଉତ୍ତରଦାତା  ବମ୍ବେ ରାଜସ୍ୱ ଅଧିକାରିତା ଅଧିନିୟମ 11 ଅନୁଯାୟୀ ଏକ ଅପିଲ ଦାଖଲ କରିଥିଲେ ଯାହା ମାର୍ଚ୍ଚ 9,1994 ରେ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥିଲା । ଏହା ଅନ୍ତର୍ଗତ ପ୍ରଦାନ କରାଯାଇଥିବା ପୁନଃ ନିରୀକ୍ଷଣ ଅଧିକାରର ଅତିରିକ୍ତ ଉପଯୋଗିତା ନନେଇ, ସେ ନ୍ୟାୟାଳୟରେ ଦେୱାନୀ ମକଦ୍ଦମା ଦାଖଲ କରି ସମ୍ପତ୍ତିରେ ତାଙ୍କର ମାଲିକାନା ଘୋଷଣା ଏବଂ ସ୍ଥାୟୀ ନିଷିଦ୍ଧାଦେଶ ମାଗିଥିଲେ । ପ୍ରାରମ୍ଭରେ, ବିଚାର କରୁଥିବା ନ୍ୟାୟାଳୟ ନିଷିଦ୍ଧାଦେଶ ପ୍ରଦାନ କରିବାକୁ ମନା କରିଦେଇଥିଲେ । କିନ୍ତୁ, ଅପିଲ ପରେ, ଜିଲ୍ଲା ବିଚାରପତି ଅପିଲକାରୀଙ୍କୁ ସମ୍ପତ୍ତି ହସ୍ତାନ୍ତରରୁ ବାରଣ କରି ମକଦ୍ଦମା ବିଚାରାଧୀନ ରଖି ନିଷିଦ୍ଧାଦେଶ ମଞ୍ଜୁର କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ପୁନଃ ନିରୀକ୍ଷଣକୁ ଖାରଜ କରିଦିଆଗଲା । ସମୀକ୍ଷା ଆବେଦନ ମଧ୍ୟ ଖାରଜ ହୋଇଥିଲା । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଅପିଲକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଶ୍ରୀ ୟଶାଙ୍କ ଅଧାରୁଙ୍କ ଦ୍ୱାରା ଉଠାଯାଇଥିବା ପ୍ରାଥମିକ ପ୍ରଶ୍ନ ହେଉଛି ଯେ, ଧାରା 11 ହେଉଛି ମକଦ୍ଦମାକୁ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ । ତେଣୁ, ଉଚ୍ଚ ନ୍ୟାୟାଳୟ ଅପିଲକାରୀଙ୍କୁ  ଅଧିକାର କ୍ଷେତ୍ର ନିର୍ଦ୍ଧାରଣ ନକରି ସମ୍ପତ୍ତି ହସ୍ତାନ୍ତରରୁ ବାରଣ କରିବାରେ ଠିକ ନଥିଲେ, ଅର୍ଥାତ୍, ମକଦ୍ଦମା ସ୍ୱୟଂ ଅନୁରକ୍ଷଣୀୟ କି ନୁହେଁ । ଏହାର ସମର୍ଥନରେ, ସେ ରୁକ୍ମଣିବାଇ ବନାମ ଗୁଜରାଟ ରାଜ୍ୟ, (1960) 1 GLR 1791ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ଏକକ ବିଚାରପତିଙ୍କ ରାୟ ଉପରେ ଦୃଢ଼ ନିର୍ଭରଶୀଳତା ରଖିଥିଲେ । ତେଣୁ ପ୍ରଶ୍ନ ହେଉଛି ଧାରା 11 ମକଦ୍ଦମାର ଅନୁରକ୍ଷଣୀୟ ପାଇଁ ଏକ ପ୍ରତିବନ୍ଧକ କି?ଏହା ଦେଖିବାକୁ ମିଳିଛି ଯେ, ବମ୍ବେ ଜମି ରାଜସ୍ୱ ସଂହିତାର ଧାରା 37ର ପ୍ରତିବନ୍ଧକ କେବଳ ରାଜ୍ୟରେ ନିହିତ କିମ୍ବା ରାଜ୍ୟର ସମ୍ପତିଭୁକ୍ତ ଜମି ବିରୁଦ୍ଧରେ ହେବ । ତେଣୁ ଏହା ଘରୋଇ ପକ୍ଷମାନଙ୍କ ପରସ୍ପର ମଧ୍ୟରେ ଦାବି ସହ ପ୍ରଯୁଜ୍ୟ ନୁହେଁ । ତେଣୁ ଉଚ୍ଚ ନ୍ୟାୟାଳୟ, ଧାରା 37 ଉପରେ ନିର୍ଭର କରିବା ଠିକ ନଥିଲା ।

ବମ୍ବେ ରାଜସ୍ୱ ଅଧିକାରିତା ଅଧିନିୟମର ଧାରା 11 ନିମ୍ନମତେ ପଢାଯାଏ:

## ଏସ୍. ଜେ. ପଟେଲ ବନାମ ଭି.ଜେ.ପଟେଲ

"11. ବାଦୀ ଅପିଲ କରିବାର ଅଧିକାର ସମ୍ପୂର୍ଣ୍ଣରୂପେ ଶେଷ ନହେବା ପର୍ଯ୍ୟନ୍ତ ମକଦ୍ଦମା ଗ୍ରହଣ କରାଯିବ ନାହିଁ । -କୌଣସି ରାଜସ୍ୱ ଅଧିକାରୀଙ୍କ କୌଣସି କାର୍ଯ୍ୟ ବା ଅବହେଳା କାରଣରୁ କୌଣସି ଦେୱାନୀ ନ୍ୟାୟାଳୟ (ସରକାରଙ୍କ ବିରୋଧରେ) କୌଣସି ମକଦ୍ଦମା ଗ୍ରହଣ କରିବେ ନାହିଁ, ଯେ ପର୍ଯ୍ୟନ୍ତ ବାଦୀ ପ୍ରଥମେ ପ୍ରମାଣ କରନ୍ତି ନାହିଁ ଯେ, ତାଙ୍କ ମକଦ୍ଦମା ଆଣିବା ପୂର୍ବରୁ ସେ ଆଇନ ଦ୍ୱାରା ଅନୁମୋଦିତ ସମସ୍ତ ଅପିଲଗୁଡ଼ିକ ଉପସ୍ଥାପନ କରିଛନ୍ତି ଯାହା ବର୍ତ୍ତମାନ ବଳବତ୍ତର ଅଛି, ଏବଂ ଏପରି ମକଦ୍ଦମା ଆଣିବା ପାଇଁ ଅନୁମତି ଦିଆଯାଇଥିବା ତମାଦି ମଧ୍ୟରେ ଉପସ୍ଥାପନ କରିବା ସମ୍ଭବପର ଥିଲା ।

ଏହି ଧାରାକୁ ପଢ଼ିବା ଦ୍ୱାରା ସ୍ପଷ୍ଟ ଭାବେ ଜଣାପଡ଼ିବ ଯେ, ସରକାରଙ୍କ ବିରୋଧରେ କୌଣସି ମକଦ୍ଦମା ଦାୟର କରିବା ପାଇଁ ଦେୱାନୀ ନ୍ୟାୟାଳୟରେ ନିଷେଧ ରହିଛି, କୌଣସି ରାଜସ୍ୱ ଅଧିକାରୀଙ୍କ କୌଣସି କାର୍ଯ୍ୟ ବା ଅବହେଳା କାରଣରୁ, ଯେ ପର୍ଯ୍ୟନ୍ତ ବାଦୀ ପ୍ରଥମେ ପ୍ରମାଣ କରନ୍ତି ନାହିଁ ଯେ, ସେ ଏହାକୁ ପୂର୍ବରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଏକ ଅପିଲ ମାଧ୍ୟମରେ ଆଣିଥିଲେ । ସେହି ପ୍ରତିକାରର ସୁବିଧା ନନେଇ ସେ ରାଜ୍ୟ ବିରୁଦ୍ଧରେ ମକଦ୍ଦମା ଦାୟର କରିପାରିବେ ନାହିଁ । ପ୍ରଶ୍ନଟି ହେଉଛି:ଧାରା 11 ଘରୋଇ ପକ୍ଷମାନଙ୍କ ପରସ୍ପର ମଧ୍ୟରେ ଥିବା ଦାବି ଉପରେ ଲାଗୁ ହେବ କି?ଏହା ଦେଖିବାକୁ ମିଳିବ ଯେ, ବିଜ୍ଞ ଏକକ ବିଚାରପତି ବମ୍ବେ ରାଜସ୍ୱ ଅଧିକାରିତା ଅଧିନିୟମର ଧାରା 11କୁ ବିବେଚନା କରିଛନ୍ତି ଏବଂ ଏହି ଉପସଂହାରରେ ଉପନୀତ ହୋଇଛନ୍ତି ଯେ, ଧାରା 11 ଘରୋଇ ପକ୍ଷମାନଙ୍କ ମଧ୍ୟରେ ମକଦ୍ଦମାର ଗ୍ରହଣୀୟତାକୁ ନିଷିଦ୍ଧ କରେ, ଯେ ପର୍ଯ୍ୟନ୍ତ ବାଦୀ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରି ମକଦ୍ଦମାର ଆଶ୍ରୟ ନେବା ପୂର୍ବରୁ ସେଥିରେ ନିର୍ଦ୍ଧାରିତ ଏବଂ ତାଙ୍କ ପାଇଁ ଉପଲବ୍ଧ ଅପିଲ କିମ୍ବା ସମୀକ୍ଷା ଅଧିକାର ସମାପ୍ତ କରିନାହାନ୍ତି । ଧାରା 11ର ଏକ ପଠନ ସୂଚିତ କରେ ନାହିଁ ଯେ, ଘରୋଇ ପକ୍ଷମାନଙ୍କ ପରସ୍ପର ମଧ୍ୟରେ ଦେୱାନୀ ପ୍ରକ୍ରିୟା ସଂହିତା, ୧୨୦୮ (ସିପିସି) ଅନୁଯାୟୀ ପ୍ରଦାନ କରାଯାଇଥିବା ମକଦ୍ଦମାର ପ୍ରତିକାର ସୁବିଧା ନେବା ପାଇଁ କୌଣସି ନିଷେଧ ଅଛି । ଧାରା ୨ କିମ୍ବା ସିପିସି ସ୍ପଷ୍ଟ ଭାବରେ କିମ୍ବା ଆବଶ୍ୟକ ନିହିତାର୍ଥ ଦ୍ୱାରା, ମାଲିକାନା ଆଧାରରେ ମକଦ୍ଦମା ଗ୍ରହଣ କରିବାକୁ ଦେୱାନୀ ନ୍ୟାୟାଳୟର ଅଧିକାରିକତାକୁ ନିଷେଧ କରେ ନାହିଁ ।

ଏହା ଏକ ସ୍ଥିରୀକୃତ ଆଇନ ଯେ, ଦାଖଲ ଖାରଜ ପ୍ରବେଶ କେବଳ ରାଜ୍ୟକୁ ସମ୍ପତ୍ତିର ଦଖଲ ଏବଂ ଉପଭୋଗ କରୁଥିବା ବ୍ୟକ୍ତିଙ୍କଠାରୁ ରାଜସ୍ୱ ସଂଗ୍ରହ କରିବାକୁ ସକ୍ଷମ କରିବା ପାଇଁ ଏବଂ ସମ୍ପତ୍ତି ବିଷୟରେ ଅଧିକାର, ସ୍ୱତ୍ତ୍ୱ ଏବଂ ସ୍ୱାର୍ଥ, ପ୍ରବେଶଗୁଡ଼ିକର ବ୍ୟତିରେକ ସ୍ଥାପିତ ହେବା ଉଚିତ । ସମ୍ପତ୍ତିର ଉପଭୋଗର ପ୍ରମାଣର କେବଳ ଗୋଟିଏ ମାଧ୍ୟମ ହେଉଛି ପ୍ରବେଶ । ଦାଖଲ ଖାରଜ ପ୍ରବେଶଗୁଡ଼ିକ

ସେଥିରେ କୌଣସି ସ୍ୱତ୍ୱ ଏବଂ ସ୍ୱାର୍ଥ ସୃଷ୍ଟି କରନ୍ତି ନାହିଁ । ତେଣୁ, ସମ୍ମାନର ସହିତ, ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନରେ ଠିକ ନୁହେଁ । ଦେୱାନୀ ମକଦ୍ଦମା ସ୍ୱଷ୍ଟ ଭାବରେ ଅନୁରକ୍ଷଣୀୟ ଅଟେ । ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଅପିଲକାରୀମାନଙ୍କୁ ଜମି ହସ୍ତାନ୍ତରରୁ ନିବୃତ୍ତ କରିବା ପାଇଁ ନିଷିଦ୍ଧାଦେଶ ପ୍ରଦାନ କରିଥିଲେ । ଅନ୍ୟଥା, ସମ୍ପତ୍ତି ହସ୍ତାନ୍ତର ଅଧିନିୟମର ଧାରା 52 ହେଉଛି ବିଚାରାଧୀନ ମକଦ୍ଦମା, ଯାହା ସର୍ବଦା ଜମି କ୍ରେତାଙ୍କ ମାର୍ଗରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ଯାହାର ପରିଣାମ ହେଉଛି ସମୀକ୍ଷାର ବଶବର୍ତ୍ତୀତା ।

ଏଭଳି ପରିସ୍ଥିତିରେ, ହସ୍ତକ୍ଷେପ ପାଇଁ ଉଚ୍ଚ ନ୍ୟାୟାଳୟର ଆଦେଶରେ ଆମେ କୌଣସି ବେଆଇନତା ପାଉନାହୁଁ ।

ତଦନୁସାରେ ଅପିଲଗୁଡ଼ିକ ଖାରଜ ହୋଇଯାଇଥିଲା । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଖାରଜ କରିଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ